ଧରମ ବୀର ସିଂହ ଏବଂ ଅନ୍ୟମାନେ

ବନାମ

ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ

ସେପ୍ଟେମ୍ବର 6, 2005

[ ବି. ପି. ସିଂହ ଏବଂ ଏସ୍. ଏଚ୍. କପାଡିଆ, ନ୍ୟାୟାଧୀଶବୃନ୍ଦ ]

*ଜମି ଆଇନ ଏବଂ କୃଷି ପ୍ରଜସ୍ୱତ୍ୱ :*

*ଚକବନ୍ଦୀ ଯୋଜନା- ସମଲତ ଦେ ଜମି ସମ୍ବନ୍ଧରେ ପ୍ରଣିତ- ପ୍ରଭାବିତ ଭୋଗଦଖଲକରିମାନେ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ କରିବା ଏବଂ ପରେ ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ କରିବା * -କିଛି ଭୋଗଦଖଲକରିମାନେ ଯେଉଁମାନେ ଉଚ୍ଚ ନ୍ୟାୟାଳୟରେ ପକ୍ଷ ନଥିଲେ, ସର୍ବୋଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ କରିଥିଲେ- ନିର୍ଣ୍ଣିତ ଯେ ଦେୱାନୀ ଅପିଲ ଖାରଜ ହୋଇଯାଇଥିଲା, ଆଜ୍ଞାଦେଶ ଆବେଦନ ମଧ୍ୟ ଯୋଗ୍ୟତା ବିହୀନ ବୋଲି ଖାରଜ ହୋଇଯାଇଥିଲା ।*

** ଭଗିରଥ ସିଂ ଏବଂ ଅନ୍ୟଜଣେ ବନାମ ହରିୟାଣା ରାଜ୍ୟ ଏବଂ ଅନ୍ୟଜଣେ , [2005] 7 SCC 556 ମାମଲାର ଉଲ୍ଲେଖ କରାଯାଇଛି ।*

ମୂଳ ଦେୱାନୀ ଅଧିକାରିତା : ଆଜ୍ଞାଦେଶ ଆବେଦନ (C) ସଂଖ୍ୟା 413/2003 ।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ।

ଆବେଦନକାରୀଙ୍କ ପାଇଁ ଏସ୍. କେ. ବର୍ମା ।

ଉତ୍ତରଦାତାମାନଙ୍କ ପାଇଁ ଅଜୟ ସିୱାଚ୍, ପ୍ରଦୀପ ଦହୀୟା ଏବଂ ଟି. ଭି. ଜର୍ଜ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ବି. ପି. ସିଂହଙ୍କ ଦ୍ୱାରା : ସମ୍ପୃକ୍ତ ଗ୍ରାମର ଶମଲତ୍ ଦେହ ଜମି ସମ୍ବନ୍ଧରେ ପ୍ରସ୍ତୁତ ହୋଇଥିବା ଚକବନ୍ଦୀ ଯୋଜନା ଦ୍ୱାରା ପ୍ରଭାବିତ କେତେକ ଜମିଧାରୀଙ୍କ ଦ୍ୱାରା ଏହି ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଛି । ଉକ୍ତ ଯୋଜନାକୁ ଅନ୍ୟ କେତେକ ମାଲିକ ଏବଂ ସହ-ଅଂଶୀଦାରମାନେ ଚଣ୍ଡୀଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 18310/1998 ଦ୍ୱାରା ଆପତ୍ତି କରିଥିଲେ । ଉକ୍ତ ଆଜ୍ଞାଦେଶ ଆବେଦନ ଖାରଜ ହେବା ପରେ, ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 646/ 2000 ରେ ବିଶେଷ ଅନୁମତି ଦ୍ୱାରା ଏହି ନ୍ୟାୟାଳୟରେ ଆବେଦନ କରାଯାଇଥିଲା । ଏହି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ସ୍ଥିତାବସ୍ଥାର ଆଦେଶ ସତ୍ତ୍ୱେ ଅବେଦନକାରିମାନେ ଅଭିଯୋଗ କରିଥିଲେ ଯେ ସେମାନେ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନରେ ପକ୍ଷ ନ ଥିବାରୁ ସେମାନେ ବିସ୍ଥାପିତ ହୋଇଥିଲେ ।

ତେଣୁ ସେମାନେ ବର୍ତ୍ତମାନର ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ ଯାହା ଦେୱାନୀ ଅପିଲ ସଂଖ୍ୟା 646/2000 ସହିତ ଶୁଣାଣି ହୋଇଛି ।

ଆମେ ଆଜି ଦେୱାନୀ ଅପିଲ ସଂଖ୍ୟା 646/2000 କୁ ଖାରଜ କରି ଆମର ରାୟ ପ୍ରଦାନ କରିଛୁ । ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଆଜ୍ଞାଦେଶ ଆବେଦନରେ ଆମେ କୌଣସି ଯୋଗ୍ୟତା ପାଇନାହୁଁ ଏବଂ ସେହି ଅନୁଯାୟୀ ଏହାକୁ ଖାରଜ କରାଯାଏ ।

R.P. ଆବେଦନ ଖାରଜ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।